## ଗୁରୁଜଙ୍ଗରେ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ :** ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୁରୁଜଙ୍ଗରେ ସୋମବାର ରାତିରେ ଗୁଳିମାଡ଼ ହୋଇଛି। ବାଇକ ସାଇଡ୍ ଦେବାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ଜଣାପଡିଛି। ଗୁରୁଜଙ୍ଗ ମଝିସାହିରେ ଏକ ବିବାହ ଭୋଜି ହେଉଥିବାବେଳେ ରାସ୍ତାରେ ବାଇକ୍ ପାର୍କିଂ ହୋଇଥିଲା। ଏହି ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସୁଥିଲେ। ରାସ୍ତାରେ ଥିବା ବାଇକ ସାଇଡ କରିବାକୁ କହିଥିଲେ। ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ପଛରେ ବସିଥିବା ଜଣେ ଯୁବକ ପକେଟରୁ ବନ୍ଧୁକ ବାହର କରି ୩ ରାଉଣ୍ଡ ଫାଏରିଂ କରିଥିଲେ। ଗୋଟିଏ ଗୁଳି ଜଣଙ୍କ ଘର କବାଟରେ ବାଜିଥିବା ବେଳେ ୨ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ମନୋଜ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ):** ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମନୋଜଙ୍କ ଅସୁସ୍ଥତା ବିଷୟରେ ମୁଖ୍ୟମନ୍ତ୍ରୀ ଜାଣିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଚିକିତ୍ସକ ଡ. ଅଶୋକ କୁମାର ଦାସଙ୍କୁ ପଚାରି ବୁଝିଥିଲେ। ସେହିପରି ମନୋଜଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହାୟତା ରାଜ୍ୟ ସରକାର ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ସେ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମନୋଜଙ୍କ ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ତାଙ୍କ ପୁତୁରା ବୋହୂ ରଞ୍ଜିତା ଦାସ ସୂଚନା ଦେଇଛନ୍ତି। ପଣ୍ଡିଚେରୀ ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ଏବଂ ସେ କଥାବାର୍ତ୍ତା କରୁଛନ୍ତି ବୋଲି ରଞ୍ଜିତା କହିଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ସାଙ୍ଗକୁ ହାତ ଭାଙ୍ଗିଯିବା ଯୋଗୁ ମନୋଜ ଗତ ୩ ମାସ ହେଲା ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି।



### ୧୦ ଜିଲାରେ ପ୍ରବଳ କୁହୁଡି

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ଗତ କିଛିଦିନ ହେବ ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇଥିବାରୁ କୁହୁଡି ଦେଖାଦେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ ଓ ନୟାଗଡ ଜିଲାରେ ପ୍ରବଳ କୁହୁଡି ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କୁହୁଡି ଯୋଗୁ ଯାତାୟତରେ ସମସ୍ୟା ସୃଷ୍ଟି ହେବ। ଦୁର୍ଘଟଣାର ମଧ ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ପରିବହନ ଅଧିକାରୀ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ହାଲକା ଶୀତ ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ୮.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗୀବାଡି ୯, ଫୁଲବାଣୀ ୮.୫, ଅନୁଗୋଳ ୧୦.୬, ସୁନ୍ଦରଗଡ ୧୩, ହୀରାକୁଦ ୧୪.୬, ଭବାନୀପାଟଣ ୧୧.୬, କୋରାପୁଟ ୧୦.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ଚୋରି ସାମଗ୍ରୀ ଜବତ: ୨ଗିରଫ

**ଚୌଦ୍ୱାର, ୭।୧୨(ଡି.ଏନ୍.ଏ.):** ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫକରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ଧାରୀ ଗ୍ରାମର ପ୍ରଶାନ୍ତ କୁମାର ବେହେରା ଓ କୋଚିଲାନୂଆଗାଁର ବୀର ପୃଷ୍ଟି । ବନ୍ଦ ପଡିଥିବା ଓଟିଏମ୍ କମ୍ପାନୀ ଭିତରୁ ଅଭିଯୁକ୍ତମାନେ ଯନ୍ତ୍ରାଂଶ ଚୋରିକରି ଏକ ଟାଟା ଏସିଇ ଗାଡ଼ିରେ ବିକ୍ରି ପାଇଁ ନେଉଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ହାବୁଡ଼ରେ ପଡିଥିଲେ। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି ।

### କପିଳେଶ୍ୱର ଦେବଙ୍କ ମାମୁ ଘରୁ ଆସିଲା ନୂଆ ବସ୍ତ୍ର

**ପୁରୁଣା ଭୁବନେଶ୍ୱର, ୭।୧୨ (ଡି.ଏନ୍.ଏ.):** ମଙ୍ଗଳବାର ପ୍ରଥମାଷ୍ଟମୀରେ ଶ୍ରୀ କପିଳେଶ୍ୱର ଦେବ ପୋରୁହାଁ ହେବେ। ଏନେଇ ସୋମବାର ତାଙ୍କ ମାମୁଘର କୈବର୍ତ୍ତ ସାହିସ୍ଥିତ ଶ୍ରୀ ଝୁଣ୍ଟୁକେଶ୍ୱର ମନ୍ଦିରରୁ ପାରମ୍ପରିକ ରୀତିରେ କୋଭିଡ-୧୯ କଟକଣା ମଧ୍ୟରେ ନୂତନ ବସ୍ତ୍ର କପିଳେଶ୍ୱର ଦେବ ମନ୍ଦିରରେ ପହଞ୍ଚିଛି। ଲିଙ୍ଗରାଜ କୈବର୍ତ୍ତ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟରେ କପିଳାସ ଦେବଙ୍କ ପାଇଁ ମଠା, ଯୋଡ଼, ମା' ପାର୍ବତୀଙ୍କ ପାଇଁ ଶାଢ଼ୀ, ଚଳନ୍ତି ପ୍ରତିମାଙ୍କ ପାଇଁ ମଠା ଶ୍ରୀ ଝୁଣ୍ଟୁକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ସେବାୟତମାନେ ନୂତନ ବସ୍ତ୍ର ଧରି କପିଳେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏଥିରେ ଟ୍ରଷ୍ଟ ସଭାପତି ବିଜୟ ବେହେରା, ସମ୍ପାଦକ ବାସୁଦେବ ବେହେରା, କୋଷାଧକ୍ଷ ବୃନ୍ଦାବନ ବେହେରା, ଲକ୍ଷ୍ମୀଧର ବେହେରା ଉପସ୍ଥିତ ଥିଲେ।

# ପୁରୀ ମୁଖ୍ୟ ଚିକିତ୍ସାଳୟରେ ଲାଞ୍ଚ କାରବାର

**ପୁରୀ ଅଫିସ, ୭।୧୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ପାଇଁ ଲାଞ୍ଚ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଜଣେ ରୋଗୀଙ୍କ ସମ୍ପର୍କୀୟ ଚିକିତ୍ସା ବାବଦକୁ ଟଙ୍କା ଦେଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାର ତଦନ୍ତ ଦାବି କରି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଗୋପ ଅଞ୍ଚଳର ସଂଗ୍ରାମ ପରିଡ଼ା ନାମକ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ପ୍ରସବ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ଅଧିକାରୀମାନେ ତାଙ୍କୁ ଲାଞ୍ଚ ମାଗିଥିଲେ। ଓଟି ଚାର୍ଜ, ଷ୍ଟ୍ରେଚର ଚାର୍ଜ ବାହାନାରେ ଏହି ଟଙ୍କା ମେଡିକାଲ କର୍ମଚାରୀ ନେଇଛନ୍ତି। ପ୍ରଥମେ ପ୍ରସୂତିଙ୍କ ପରିବାରକୁ ଓଟି ଚାର୍ଜ, ଷ୍ଟ୍ରେଚର ଚାର୍ଜ ବାବଦକୁ ୨୨ଶହ ଟଙ୍କା ଏବଂ ପରେ ପୁଣି ୯ଶହ ଟଙ୍କା ମଗାଯାଇଥିଲା। ଟଙ୍କା ନ ଦେଲେ ସେମାନେ ନବଜାତ ଶିଶୁକୁ ଡିସଚାର୍ଜ କରିବେ ନାହିଁ ବୋଲି କହିଥିବା ସଂଗ୍ରାମ ଅଭିଯୋଗ କରିଛନ୍ତି। ଲାଞ୍ଚ କାରବାରର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ କେହି ଗଣମାଧ୍ୟମ ଆଗରେ ମୁହଁ ଖୋଲି ନାହାନ୍ତି। ପୁରୀ ସିଡିଏମ୍‌ଓଙ୍କୁ ପଚାରିବାରେ ସେ କୌଣସି ମାମଲା ନେଇ କୋର୍ଟରେ ଥିବା କହି ଫୋନ କାଟିଦେଇଥିଲେ। ସେହିପରି ଜଣେ ଏଡିଏମ୍‌ଓ ନିଜ ସମ୍ପର୍କୀୟଙ୍କ କୌଣସି ଏକ ଉତ୍ସବରେ ସାମିଲ ଥିବା କହି ଫୋନ୍ କାଟିଦେଇଥିଲେ। ତେବେ ଅନ୍ୟଜଣେ ଏଡିଏମ୍‌ଓ ଏ ନେଇ କିଛି ଖବର ପାଇ ନ ଥିବା କହିବା ସହ ବୁଝିବା ପରେ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।



**ଭିଡିଓ ଭାଇରାଲ**

- ଅଭିଯୋଗ ଆଣିଲେ ରୋଗୀଙ୍କ ସମ୍ପର୍କୀୟ
- କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା ଯୁବ ମୋର୍ଚ୍ଚା

# ଡିସିପିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

**ନାବାଳିକା ଗର୍ଭବତୀ ମାମଲା**

ରାଜଧାନୀରେ ଜଣେ ନାବାଳିକା ଗର୍ଭବତୀ ହେବା ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଭୁବନେଶ୍ୱର ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ହାଇକୋର୍ଟରେ ମାମଲାର ଶୁଣାଣି ଭିଡିଓ କନ୍‌ଫରେନ୍ସରେ ହୋଇଥିବାବେଳେ ପୀଡିତା ମଧ ବୟାନ ରଖିଥିଲେ। ସେ ନିର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ, କମ୍ ବୟସ ହୋଇଥିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ବଳାତ୍କାର କରିବା ସମ୍ପର୍କରେ ସେ କିଛି ଜାଣିପାରି ନ ଥିଲେ। ଗର୍ଭଧାରଣ କରିବାକୁ ଚାହୁଁନାହିଁ। ଗର୍ଭପାତ ପାଇଁ ଅନୁମତି ନ ମିଳିଲେ ପାଠପଢା ପ୍ରଭାବିତ ହେବ ବୋଲି ସେ କହିଥିଲେ। ତେବେ ଶୁଣାଣି କରି ସରକାରୀ ଓକିଲ କହିଥିଲେ, ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦାଖଲ ମେଡିକାଲ ରିପୋର୍ଟକୁ ଆମେ ଯାଞ୍ଚ କରିଛୁ। ନଭେମ୍ବର ୧୧ ଡାକ୍ତରୀ ରିପୋର୍ଟରେ ଗର୍ଭଧାରଣ ୧୮ ସପ୍ତାହରେ ପହଞ୍ଚିଥିବା ଉଲ୍ଲେଖ ରହିଛି। ଆଇନ ଅନୁଯାୟୀ ଗର୍ଭପାତ ୨୦ ସପ୍ତାହ ମଧ୍ୟରେ କରାଯିବାର ନିୟମ ରହିଛି। ୨୪ ସପ୍ତାହରେ ଗର୍ଭପାତ ପାଇଁ ଆଇନ ପାରିତ ହୋଇ ନ ଥିବାରୁ କ୍ୟାପିଟାଲ ହସ୍ପିଟାଲରେ ତୁରନ୍ତ ପୀଡିତାଙ୍କୁ ଜଣେ ପ୍ରସୂତି ବିଶେଷଜ୍ଞ ଓ ଜଣେ ରେଡିଓଜୋଲିଷ୍ଟ ଦ୍ୱାରା ଯାଞ୍ଚ କରାଯାଉ। ଏବେ ନାବାଳିକା ଜଣକ ତେକେ ସପ୍ତାହର ଗର୍ଭବତି ଅଛନ୍ତି, ଗର୍ଭପାତ ହେଲେ ତାଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟାବସ୍ଥା କେତେ ପ୍ରଭାବିତ ହେବ ସେ ନେଇ ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି ଡିସିପି ୯ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱରରେ ୧୫ ପ୍ଲାଟୁନ ଫୋର୍ସ ମୁତୟନ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ଭାରତ ବନ୍ଦକୁ ଦୃଷ୍ଟିରେ ରଖି ମଙ୍ଗଳବାର କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ୬୦ଜଣ ବରିଷ୍ଠ ଅଧିକାରୀଙ୍କୁ ରାଜଧାନୀର ସୁରକ୍ଷା ଦାୟିତ୍ୱ ଦିଆଯାଇଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ବନ୍ଦ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପୋଲିସ କଡ଼ା ନଜର ରଖିଛି। ଆବଶ୍ୟକ ସଂଖ୍ୟାକ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ପିସିଆର ଭ୍ୟାନ୍ ପାଟ୍ରୋଲିଂ କରାଯିବ। ଥାନାଧିକାରୀମାନେ ନିଜ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବେ। ଏଥିସହିତ ରାଜଧାନୀକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସକୁ ପୋଲିସ ବାଟ କଢ଼ାଇବାରେ ସହଯୋଗ କରିବ ବୋଲି ଡିସିପି ଦାଶ କହିଛନ୍ତି।



**ଆସୁଛି ଖ୍ରୀଷ୍ଟମାସ:** ସେଲିବ୍ରେଶନ ପାଇଁ ଏବେଠୁ ଭୁବନେଶ୍ୱରର ଏକ ଦୋକାନରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ପ୍ରସ୍ତୁତ କରୁଥିବା ଖ୍ରୀଷ୍ଟମାସ ଟ୍ରି, ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ।

## ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର

**ବାଲକାଟୀ, ୭।୧୨(ଡି.ଏନ୍.ଏ.)**

ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କ ଦ୍ୱାରା ସୋମବାର ବାଲିଅନ୍ତା ବ୍ଲକ ବେଣ୍ଟପୁର ଓ ଭିଙ୍ଗାରପୁର ପଞ୍ଚାୟତର ୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଭିଙ୍ଗାରପୁର ପଞ୍ଚାୟତ ଶାସନ ଗ୍ରାମ ନିକଟରେ ପୂର୍ବତନ ବିଧାୟକ ଗୋପୀନାଥ ଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପିଣ୍ଡି ନିର୍ମାଣ ଭିତ୍ତିପ୍ରସ୍ତର ହୋଇଥିଲା। ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ହରି ଭୋଇଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ ଓ ରାସଲୀଳା ପଡ଼ିଆରେ ଧାନଖଳା ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ଅରୁନ୍ଧତୀ ସାହୁ, ସରପଞ୍ଚ ଜୟଶ୍ରୀ ନାୟକ, ରଶ୍ମିତା ପାତ୍ର, ସମିତିସଭ୍ୟା ଗାୟତ୍ରୀ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ସାମାଜିକ କର୍ମୀ ହୃଷୀକେଶ ପାତ୍ର, ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଇପିଏଫ୍ ପେନ୍‌ସନର୍ସ ସଂଘର କାର୍ଯ୍ୟକାରୀ କମିଟି ବୈଠକ

**କଟକ ଅଫିସ, ୭।୧୨**

ଅଲ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରୀ କମିଟି ବୈଠକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଇପିଏଫ୍ ସର୍ବନିମ୍ନ ପେନ୍‌ସନ ବୃଦ୍ଧି ନେଇ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଲାଗି ବୈଠକରେ ଆଲୋଚନା ହୋଇଛି। ଏଥିସହ ଇପିଏଫ୍ ପେନ୍‌ସନଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ ସହ ମହଙ୍ଗା ଭତ୍ତା ଦେବା ଲାଗି ସଂଘ ଦାବି କରିଛି। ସଂଘ ସଦସ୍ୟ ବିଷ୍ଣୁଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଅଗାଧୁ ପ୍ରଧାନ, ଅଶୋକ ରାଉତରାୟ, ରାଜକିଶୋର ସ୍ୱାଇଁ, ବିକ୍ରମ ଛୋଟରାୟ, ମାୟାଧର ମଲ୍ଲିକ, ସଚ୍ଚିଦାନନ୍ଦ ସାମନ୍ତରାୟ, ନୃସିଂହ ପ୍ରସାଦ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୋ ସ୍କୁଲ ମୋ ପଢା ଅଭିଯାନ ପାଇଁ ସରକାରଙ୍କୁ ଜିଲାପାଳଙ୍କ ପ୍ରସ୍ତାବ

**କଟକ ସଦର, ୭।୧୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଯୋଗାଇ ଦେଇଛନ୍ତି। ଏହି ଅନୁଦାନର ଏକ ବଡ ଅଂଶ ସ୍ଥାନୀୟ ପଞ୍ଚାୟତ ମଧ୍ୟରେ ଥିବା ସ୍କୁଲର ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରାଯିବା ବ୍ୟବସ୍ଥା କରାଯାଇଛି। ହେଲେ ଅଧିକାଂଶ ସ୍କୁଲର ଜମିଜମା ରେକର୍ଡ ଏପର୍ଯ୍ୟନ୍ତ ସରକାରଙ୍କ ନାମରେ ନ ଥାଇ ବ୍ୟକ୍ତିବିଶେଷଙ୍କ ନାଁରେ ରହିଥିବା ଜଣାପଡିଥିଲା। ତେଣୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶ ମୁତାବକ, ଜିଲାରେ ମୋ ସ୍କୁଲ ମୋ ପଢା ଅଭିଯାନ ଆରମ୍ଭ କରିବା ପାଇଁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଅର୍ଥ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। କାରଣ ଆବଶ୍ୟକ ଜମିଜମା ହସ୍ତାନ୍ତର ନିୟମକୁ କୋହଳ କରା ନ ଗଲେ ବ୍ୟକ୍ତିବିଶେଷଙ୍କ ନାଁରେ ଥିବା ଜମି ସ୍କୁଲର ନାମକୁ ଆସିପାରିବ ନାହିଁ। ଜିଲାପାଳ ଚୟନୀଙ୍କ ପ୍ରସ୍ତାବକୁ ସରକାର ଗୁରୁତର ସହିତ ନେଇଥିବା ଜଣାପଡିଛି। ଫଳରେ ନୂଆ ସ୍କୁଲ କୋଠା ନିର୍ମାଣ ପାଇଁ ଭବିଷ୍ୟତରେ ଅର୍ଥ ମଞ୍ଜୁର କରାଗଲେ, ଆଇନତଃ ସମସ୍ୟା ରହିବ ନାହିଁ। କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ୪୫ ପ୍ରାଥମିକ ଓ ୭ଟି ହାଇସ୍କୁଲର ଜାଗା ଘରୋଇ ବ୍ୟକ୍ତିଙ୍କ ନାଁରେ ଥିବା ଜଣାପଡିଛି। ଏହାଛଡା ସ୍ୱତଃପ୍ରବୃତ୍ତ ଭାବେ ସ୍କୁଲଜମିକୁ ସମ୍ପୃକ୍ତ ବ୍ୟକ୍ତି ଅଥବା ସେମାନଙ୍କ ଉତ୍ତରାଧିକାରୀ ସରକାରଙ୍କୁ ହସ୍ତାନ୍ତର ପାଇଁ ଇଚ୍ଛା ପ୍ରକାଶ କଲେ ବିଡିଓ କିମ୍ବା ଜିଲାପାଳଙ୍କ ନାଁରେ ବିନା ଷ୍ଟାମ୍ପ ଡ୍ୟୁଟିରେ ପଞ୍ଜୀକୃତ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୧୫ ବର୍ଷ ପରେ ବି ପୂରଣ ହୋଇପାରୁନି ରିଟେଲର ପଦବୀ

**କଟକ ସଦର, ୭।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଧରିଣା ପଞ୍ଚାୟତ ସମେତ ଅନ୍ୟ ସ୍ଥାନରେ ୩ଟି ରିଟେଲର ପଦବୀ ଖାଲି ରହିଥିଲା। ଇତିମଧ୍ୟରେ ପରମହଂସ ଓ ସୋମପୁର ପଞ୍ଚାୟତର ରିଟେଲର ପଦବୀ ପୂରଣ ଲାଗି କଟକ ସଦର ଉପଜିଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ହେଲେ ପ୍ରାୟ ୧୫ ବର୍ଷ ଧରି ଖାଲି ଥିବା ଧରିଣା ପଞ୍ଚାୟତ ରିଟେଲର ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ ବୋଲି ସମିତିସଭ୍ୟ କେଳୁଚରଣ ମାହାଳି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପଦବୀ ପୂରଣ ନ କରାଯାଇ ପଡୋଶୀ ଯଶପଡା ପଞ୍ଚାୟତର ଜଣେ ରିଟେଲରଙ୍କୁ ଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ପଞ୍ଚାୟତର ଜଣେ ରିଟେଲର ଅନ୍ୟ ପଞ୍ଚାୟତରେ ଦୀର୍ଘଦିନ ଧରି ଖାଦ୍ୟ ବଣ୍ଟନ କରିପାରିବେ ନାହିଁ। କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୧୦୮୬୯/୨୭।୧୧।୨୦ ଅନୁଯାୟୀ ପରମହଂସ ଓ ସୋମପୁର ପଞ୍ଚାୟତର ଗୋଟିଏ ଲେଖାଏଁ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଧରିଣା ପଞ୍ଚାୟତ ପାଇଁ ନୂଆ ରିଟେଲର କାହିଁକି ନିଯୁକ୍ତି ହେଉନି ତାହା ସ୍ଥାନୀୟ ଅଞ୍ଚଳବାସୀ ଜାଣିବାକୁ ଚାହାନ୍ତି ବୋଲି ମାହାଳି କହିଛନ୍ତି। ଗୋଟିଏ ପଞ୍ଚାୟତର ରିଟେଲର ଅନ୍ୟ ପଞ୍ଚାୟତରେ ଖାଦ୍ୟ ସାମଗ୍ରୀ ବାଣ୍ଟିବାର ଅଧିକାର ପାଉଥିବାବେଳେ ନୂଆ ରିଟେଲର ମନୋନୟନ ବେଳେ ପଡୋଶୀ ପଞ୍ଚାୟତ ଲୋକଙ୍କୁ ମଧ ସୁଯୋଗ ଦିଆଯିବା ଦରକାର ବୋଲି ବିଡିଓଙ୍କୁ ମାହାଳି ପ୍ରଶ୍ନ କରିଛନ୍ତି। ଅଭିଯୋଗ ସମ୍ପର୍କରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ଯୋଗାଣ ନିରୀକ୍ଷକଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି କହିଥିଲେ।

## ଚିତ୍ରଶିଳ୍ପୀ ମହେନ୍ଦ୍ର ମହାପାତ୍ର ସମ୍ବର୍ଦ୍ଧିତ



**କଟକ ଅଫିସ, ୭।୧୨**

ଧର୍ମପଦ ପୁରସ୍କାର ବିଜେତା ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ବିଜୟ ପଢିହାରୀ ଭିଡିଓ କନ୍‌ଫରେନ୍ସରେ ମହେନ୍ଦ୍ରଙ୍କ ଚିତ୍ରକଳାକୁ ପ୍ରଶଂସା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ପ୍ରଭାସ ପ୍ରଧାନ, ଦୀପ୍ତିରଞ୍ଜନ ପଟ୍ଟନାୟକ, ହେମନ୍ତ ପଟ୍ଟନାୟକ, ରବି ପାଲ ଉପସ୍ଥିତ ଥିଲେ।

## ବାର୍‌ହା ଉପଦ୍ରବ, ଫସଲ ନଷ୍ଟ

**ବାଙ୍କୀ, ୭।୧୨(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ବାଙ୍କୀ ଓ ବୈଦ୍ୟେଶ୍ୱର ରେଞ୍ଜ ଅଞ୍ଚଳର ଭେଡା, ବିଲିପଡ଼ା, କୁରୁମ, ପୁଇଁଛିଆ, ଘଷିପୁଟ, କୁସୁପଙ୍ଗି, ବେଦପୁର, ଶିମିଳିପୁର, କରବର ଓ ଗୋବିନ୍ଦପୁର ଆଦି ଅଞ୍ଚଳରେ ବାରହା ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଚାଷୀ ଗଛରେ ମଞ୍ଚା କରି ଫସଲ ଜଗୁଛନ୍ତି। ପାଳିକରି ରାତିରେ ନିଆଁହୁଳା ଧରି ବସି ରହୁଛନ୍ତି। ବନ ବିଭାଗ ଚୁପ୍ ବସିଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି । ରେଞ୍ଜ ଅଫିସର ଅସିତ ମିଶ୍ର କୁହନ୍ତି, ବାର୍‌ହା ଘଉଡ଼ାଇବା ପାଇଁ ସ୍କ୍ୱାଡ୍ ନିୟୋଜନ କରାଯିବ। ଫସଲ ନଷ୍ଟ ହୋଇଥିଲେ ତନଖି କରି ହେକ୍ଟର ପିଛା ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ ।

## ୪୦ ଦେଶରୁ ଆସିଛି ୭୦୦ ଫିଲ୍ମ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

**ଜାନୁୟାରୀରୁ ଆଓ କ୍ରିଏଟିଭ୍ କଲେକ୍ଟିଭ୍ ଶର୍ଟ ଫିଲ୍ମ**



ଓଡ଼ିଶାର ନିଜସ୍ୱ ଓଟିଟି ପ୍ଲାଟ୍‌ଫର୍ମ ଆଓ ଟିଭି ପକ୍ଷରୁ 'ଆଓ କ୍ରିଏଟିଭ୍ କଲେକ୍ଟିଭ୍ ଶର୍ଟ ଫିଲ୍ମ ଫେଷ୍ଟିଭାଲ ୨୦୨୦ ଆସନ୍ତା ଜାନୁୟାରୀରୁ ଆରମ୍ଭ ହେବ। ଦେଶ ବିଦେଶର ଶ୍ରେଷ୍ଠ ଓ ମନଛୁଆଁ ଫିଲ୍ମକୁ ନେଇ ଏହି ଅନ୍‌ଲାଇନ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ଆୟୋଜିତ ହେବ। ପ୍ରତିଯୋଗିତା ବର୍ଗର ଫିଲ୍ମ ଷ୍ଟ୍ରିମିଂ ଦୀର୍ଘ ଏକମାସ ପର୍ଯ୍ୟନ୍ତ ଚାଲିବ। ପରେ ଆଓ ଟିଭି ଆପ୍‌ରେ ୨୦୨୧ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଫିଲ୍ମ ଫେଷ୍ଟିଭାଲ ଚାଲିବ। ଖୁବ୍‌ଶୀଘ୍ର ମହୋତ୍ସବର ଉଦ୍‌ଘାଟନୀ ତାରିଖ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମ ଫେଷ୍ଟିଭାଲ ପାଇଁ ଗତ ସେପ୍ଟେମ୍ବର ୧୪ରୁ ଫିଲ୍ମ ଆବେଦନ ଆରମ୍ଭ ହୋଇ ନଭେମ୍ବର ୩୦ରେ ଶେଷ ହୋଇଥିଲା। ବିଶ୍ୱବ୍ୟାପୀ ୪୦ଟି ଦେଶର ଫିଲ୍ମ ନିର୍ମାତାଙ୍କଠାରୁ ୫୦ଟି ଭାଷାର ୭୦୦ ଚଳଚ୍ଚିତ୍ର ଆସିଥିଲା। ଶ୍ରେଷ୍ଠ ବିବେଚିତ ଫିଲ୍ମକୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ ୨ ଜଣ ରନର୍ସଅପ୍‌ଙ୍କୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ।

# ପାଇଥିବା ୯୧ ମୋବାଇଲ ଫୋନ୍ ବିକି ୨ ଗିରଫ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ):**

ବସ୍‌ରୁ ଖସି ପଡିଥିଲା ମୋବାଇଲ୍ ଭର୍ତ୍ତି ପେଟି। ରାସ୍ତାରୁ ପାଇ ୯୧ ଦାମୀ ମୋବାଇଲ୍ ଫୋନ୍‌କୁ ବିକି ଦେଇଥିଲେ ୨ଜଣ ବନ୍ଧୁ। ଶେଷରେ ଲୋଭ ହେଲା କାଳ। ଦେଢ଼ବର୍ଷ ପରେ ଶହୀଦନଗର ଥାନା ପୋଲିସ ଉଭୟଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଖମାର ଅଞ୍ଚଳର ଲିପୁନ ସାହୁ ଓ ସଞ୍ଜୟ ଗଡ଼ନାୟକ। ପୋଲିସ ଉଭୟଙ୍କୁ ମାମଲା(ନଂ. ୪୧୪/୧୯)ରେ ଗିରଫ ପରେ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଖାରବେଳନଗର ଥାନା ଅଞ୍ଚଳର ଏକ କୋରିଅର ସଂସ୍ଥାର ମାଲିକ ଆଶୁତୋଷ ଦାସ ଗତବର୍ଷ ଶହୀଦନଗରରୁ ଏକ ବସ୍ ଯୋଗେ ରାଉରକେଲାକୁ ୩ଟି ପେଟିରେ ମୋବାଇଲ୍ ଫୋନ ପଠାଇଥିଲେ। ପ୍ରତି ପେଟିରେ ୯୧ଟି ଫୋନ ରହିଥିଲା। ତେବେ ବସ୍‌ଟି ରାଉରକେଲାରେ ପହଞ୍ଚିବା ପରେ ଗୋଟିଏ ପେଟି ନ ଥିଲା। ଉକ୍ତବର୍ଷ ସେପ୍ଟେମ୍ବର ୬ରେ ଆଶୁତୋଷ ଏନେଇ ଶହୀଦନଗର ଥାନାରେ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ନାଁରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲେ ମଧ ସେମାନେ ଚୋରି କରି ନ ଥିବା ଜାଣିବା ପରେ ଛାଡ଼ି ଦେଇଥିଲା। ତେବେ ପୋଲିସ ତଦନ୍ତ ଜାରି ରଖିବା ସହ ସେସବୁ ଫୋନ୍‌କୁ ଟ୍ରାକ୍ କରିଥିଲା। ଘଟଣାର କିଛି ମାସ ପରେ ଫୋନ୍‌ଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲାରେ ବ୍ୟବହାର ହେଉଥିବା ଜଣାପଡିବା ପରେ ଏସ୍‌ଆଇ ଚିତ୍ତରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ୮ଦିନ ଧରି ଅନୁଗୋଳ, ପୁରୀ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର ଜିଲାରେ ଚଢ଼ାଉ କରି ୮୧ଜଣଙ୍କ ନିକଟରୁ ୮୧ ଫୋନ୍ ଜବତ କରିଥିଲା। ପଚରାଉଚରାବେଳେ ଲିପୁନ ଓ ସଞ୍ଜୟଙ୍କଠାରୁ ମୋବାଇଲ୍ ଫୋନ୍ କିଣିଥିବା ସେମାନେ କହିଥିଲେ। ଏମାନେ ଅନୁଗୋଳର ଏକ କନଷ୍ଟ୍ରକ୍ସନ କମ୍ପାନୀରେ କାର୍ଯ୍ୟ କରନ୍ତି। ପୋଲିସ ଉଭୟଙ୍କୁ ଉଠାଇ ଆଣି ପଚରାଉଚରା କରିବାରୁ ସେମାନେ କହିଛନ୍ତି, ଅଫିସ୍ ସାରି ରାତିରେ ଘରକୁ ଫେରୁଥିବା ସମୟରେ ଭୁବନେଶ୍ୱର-ରାଉରକେଲା ଜାତୀୟ ରାଜପଥର ଖମାର ନିକଟ ରାସ୍ତା ମଝିରୁ ଏକ ପେଟି ପାଇଥିଲେ। ପେଟି ଖୋଲିବାରୁ ସେଥିରେ ମୋବାଇଲ୍ ଫୋନ ଭର୍ତ୍ତି ହୋଇଥିବା ଦେଖିଥିଲେ। ଲୋଭରେ ପଡ଼ି ସବୁ ମୋବାଇଲ୍ ଘରକୁ ଆଣି ପରବର୍ତ୍ତୀ ସମୟରେ ଅଫିସ୍ କର୍ମଚାରୀ, ବନ୍ଧୁବାନ୍ଧବ ଓ ଚିହ୍ନା ପରିଚୟଙ୍କୁ ୨,୫୦୦ ରୁ ୩,୦୦୦ ଟଙ୍କା ମଧ୍ୟରେ ବିକ୍ରି କରିଥିଲେ।



ଜବତ ମୋବାଇଲ ଫୋନ ଓ ଗିରଫ ଦୁଇ ଅଭିଯୁକ୍ତ ।

**ଲୋଭ ହେଲା କାଳ**

- ଦେଢ଼ବର୍ଷ ତଳେ ବସ୍‌ରୁ ଖସି ପଡ଼ିଥିଲା
- ଫୋନ୍ ଟ୍ରାକିଂ କରି ୫ ଜିଲାରେ ଚଢ଼ାଉ କରିଥିଲା ପୋଲିସ

### ଲୁଟ୍ ଘଟଣା: ୨୦ ମୋବାଇଲ୍ ଜବତ, ୬ ଗିରଫ

ରାଜଧାନୀରେ ଲୁଟେରାମାନେ ଉତ୍ପାତ କରୁଛନ୍ତି। ଦିବାଲୋକରେ ବାଇକ୍‌ରେ ଆସି ମୋବାଇଲ୍ ଫୋନ୍ ଲୁଟି ନେଉଛନ୍ତି। ଶହୀଦନଗର ପୋଲିସ ଗତ ୭ଦିନ ମଧ୍ୟରେ ପୃଥକ ମାମଲାରେ ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୦ ମୋବାଇଲ ଫୋନ୍ ଜବତ କରିଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ଗୁରୁଜଙ୍ଗରେ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ,୭।୧୨:** ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୁରୁଜଙ୍ଗରେ ସୋମବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ବାଇକ ସାଇଡ୍ ଦେବାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ସୂଚନା ମୁତାବକ, ଗୁରୁଜଙ୍ଗ ମଝିସାହିରେ ଏକ ବିବାହ ଭୋଜି ହେଉଥିବା ବେଳେ ରାସ୍ତାରେ ବାଇକ୍ ପାର୍କିଂ ହୋଇଥିଲା। ଏହି ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସୁଥିଲେ। ରାସ୍ତାରେ ଥିବା ବାଇକ ସାଇଡ କରିବାକୁ କହିଥିଲେ। ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ପଛରେ ବସିଥିବା ଜଣେ ଯୁବକ ପକେଟରୁ ବନ୍ଧୁକ ବାହର କରି ୩ ରାଉଣ୍ଡ ଫାଏରିଂ କରିଥିଲେ। ଗୋଟିଏ ଗୁଳି ଜଣଙ୍କ ଘର କବାଟରେ ବାଜିଥିବା ବେଳେ ୨ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**ବେଗୁନିଆ,୭।୧୨(ଡି.ଏନ୍.ଏ.):** ବେଗୁନିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ସୋମବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସଞ୍ଜୟ୍ ଛାଟୋଇ। ପୋଲିସ ସୂଚନା ଅନୁଯାୟୀ, ନାବାଳିକା ଜଣକ ଅପରାହ୍ନ ପ୍ରାୟ ୨ଟାରେ ଏକ ଦୋକାନକୁ ଚକୋଲେଟ ଆଣିବାକୁ ଯାଇଥିଲେ। ସେ ଏକୁଟିଆ ଫେରୁଥିବା ବେଳେ ଅଭିଯୁକ୍ତ ସଞ୍ଜୟ୍ ତାଙ୍କ ପାଟି ବନ୍ଦ କରି ଅସଦାଚରଣ କରିଥିଲେ। ଏନେଇ ନାବାଳିକାଙ୍କ ମା’ଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୪୧, ୩୫୪(କ) ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୪୨/୨୦) ରୁଜୁକରି ସଞ୍ଜୟ୍‌ଙ୍କୁ ଗିରଫ କରିଥିଲା। ଅନ୍ୟପଟେ ନାବାଳିକା ଓ ତାଙ୍କ ମା’ଙ୍କ ବୟାନ ରେକର୍ଡ କରାଯାଇଛି।

### ଅଗ୍ନିକାଣ୍ଡ: ୫ ବଖରା ଭସ୍ମୀଭୂତ

**ନିରାକାରପୁର,୭।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତ ଅଧୀନ କୁରୁମପଡ଼ା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଧନେଶ୍ୱର ଜେନା, ଗଙ୍ଗାଧର ଜେନା, ଜଳନ୍ଧର ଜେନା, ସୁରେନ୍ଦ୍ର ଜେନା, ରବୀନ୍ଦ୍ର ଜେନାଙ୍କ ୫ବଖରା ଭସ୍ମୀଭୂତ ହୋଇଯାଇଛି। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗୋଳବାଇ ରାଜସ୍ୱ ନିରୀକ୍ଷକ ସୁକାନ୍ତ କୁମାର ସ୍ୱାଇଁ କହିଛନ୍ତି, ଅଗ୍ନିକାଣ୍ଡରେ ୩ ବଖରା ପୋଡ଼ିଯାଇଛି। ପ୍ରଶାସନ ପକ୍ଷରୁ ୩ ପରିବାରଙ୍କୁ ୩ଟି ପଲିଥିନ ପ୍ରଦାନ କରାଯାଇଛି। ଏନେଇ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ବିପନ୍ନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ଧାରଣା ପରେ ରାସ୍ତାକୁ ଓହ୍ଲାଇଲେ ଆନ୍ଦୋଳନକାରୀ

**ବ୍ରହ୍ମଗିରି,୭।୧୨(ଡି.ଏନ୍.ଏ.):** ଫନୀ ଓ ଫାଇଲିନ ସହାୟତା ନ ପାଇ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ପରେ ସୋମବାର ରାଜରାସ୍ତାକୁ ଓହ୍ଲାଇଛନ୍ତି ଆନ୍ଦୋଳନକାରୀ। ଫନୀ କ୍ଷତିଗ୍ରସ୍ତଙ୍କୁ ଗୃହନିର୍ମାଣ ସହାୟତା ଯୋଗାଇଦେବା ସହ ତଦନ୍ତରେ ଅନିୟମିତତା କରିଥିବା ନେଇ ସରକାରୀ କର୍ମଚାରୀଙ୍କ ବିରୋଧରେ ୭ଦଫା ଦାବି ନେଇ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ଗତ ୨ ତାରିଖରୁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେଇଆସୁଛି। ଏହି ଧାରଣାକାରୀଙ୍କୁ ଉଠାଇବା ପାଇଁ ରବିବାର ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ ପହଞ୍ଚି ପ୍ରଶାସନ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସୋମବାର ପୁଣି ଆଲୋଚନା ପାଇଁ ଶତାଧିକ କ୍ଷତିଗ୍ରସ୍ତ ମହିଳା ପୁରୁଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା ପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ନ ମିଳିବାରୁ ଉତ୍ତ୍ୟକ୍ତ ହୋଇ ବ୍ଲକ ସମ୍ମୁଖ ପୁରୀ-ସାତପଡ଼ା ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବା ସହ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ୮ ବର୍ଷକରେ ବି ଇଟା ଖଣ୍ଡେ ପଡ଼ିଲାନି

**ଖୋର୍ଦ୍ଧା ଅଫିସ,୭।୧୨**



ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

**ପାଇକ ବିଦ୍ରୋହ ସ୍ମାରକୀ**
- ପ୍ରସ୍ତୁତ ହୋଇନି ଡିପିଆର୍
- ପଞ୍ଚପାଇକ ପ୍ରତିମୂର୍ତ୍ତି ତଳେ ବିଭିନ୍ନ ସଂଗଠନର ପ୍ରତିବାଦ

ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମଙ୍ଗଳବାର ଏହି ଶିଳାନ୍ୟାସକୁ ଏକ ବର୍ଷ ପୂରୁଥିଲେ ମଧ ଉକ୍ତ ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇ ନ ଥିବା ବେଳେ ଖଣ୍ଡେ ଇଟା ମଧ ପଡିନାହିଁ। ଏଥି ସହ ଡିପିଆର୍(ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇ ନ ଥିବା ଜଣାପଡିଛି। ଏହାର ପ୍ରତିବାଦରେ ସୋମବାର ବିଭିନ୍ନ ଅନୁଷ୍ଠାନ ଗଡ଼ଖୋର୍ଦ୍ଧାସ୍ଥିତ ପଞ୍ଚପାଇକ ପ୍ରତିମୂର୍ତ୍ତି ତଳେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ତୁରନ୍ତ ସ୍ମାରକୀ ନିର୍ମାଣ ଆରମ୍ଭ କରିବା ଲାଗି ନ୍ୟୁ ଥିଙ୍କିଙ୍ଗ୍ ଫୋରମ ଆବାହକ ନରେନ୍ଦ୍ର ପୃଷ୍ଟି, ଖୋର୍ଦ୍ଧା ଐତିହାସିକ ସମାଜ ଉପସଭାପତି ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଜୟୀ ରାଜଗୁରୁ ସ୍ମୃତି ସଂସଦ ଆବାହକ ଧୀରେନ୍ଦ୍ର ନନ୍ଦଙ୍କ ସମେତ ବହୁ ପାଇକ ସଂଗଠନ ଦାବି କରିଛନ୍ତି।

ସୂଚନାଥାଉ କି, ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକ ପାଇଁ ରାଷ୍ଟ୍ରପତି ଶିଳାନ୍ୟାସ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି କୋବିନ୍ଦ କହିଥିଲେ, ଖୋର୍ଦ୍ଧା ମାଟି ହେଉଛି ବୀର ମାଟି। ପାଇକ ବୀରମାନେ ନିଜ ମାଟିର ସମ୍ମାନ ଲାଗି ଇଂରେଜ ସରକାରଙ୍କ ବିରୋଧ ସଶସ୍ତ୍ର ସଂଗ୍ରାମ କରିଥିଲେ। ଏହି ସ୍ମାରକୀ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ। ଦେଶବିଦେଶର ପର୍ଯ୍ୟଟକମାନେ ଏହି ସ୍ଥାନର ଗୌରବକୁ ଉପଲବ୍ଧ କରିପାରିବେ ବୋଲି ସେତେବେଳେ ରାଷ୍ଟ୍ରପତି କହିଥିଲେ। ତେବେ ୧୦ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ସ୍ଥାନର ଅଧିକାଂଶ ଜମି ଘରୋଇ କମ୍ପାନୀ ଏବଂ ଶିକ୍ଷାନୁଷ୍ଠାନ ଅଧୀନରେ ରହିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ସ୍ଥାନର ଜମିକୁ ଜବରଦଖଲ ମୁକ୍ତ କରାଯାଇପାରି ନାହିଁ। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଏବଂ ଜିଲା ପ୍ରଶାସନର ଅବହେଳା ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ ବୋଲି ସ୍ଥାନୀୟ ଐତିହାସିକ ଗବେଷକ, ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ତୁରନ୍ତ ଆରମ୍ଭ କରିବା ଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହେଉଛି।

# ସଚେତନତା ସହ ଖବରକାଗଜ ବାଣ୍ଟୁଛନ୍ତି ପବିତ୍ର

**ଖୋର୍ଦ୍ଧା ଅଫିସ,୭।୧୨**



**୨୨ ଗାଁ, ସାଇକେଲରେ ଦୈନିକ ୬୦କି.ମି. ଯାତ୍ରା**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଛତାବର ପଞ୍ଚାୟତ ବିନ୍ଧ୍ୟଗିରିର ପବିତ୍ର ଦେହୁରି। ବୟସ ପାଖାପାଖି ୫୦ ଛୁଇଁଲାଣି। ହେଲେ ସେ ଥକିପଡ଼ି ନାହାନ୍ତି। ଏହି ବୟସରେ ବି ସେ ଦିନକୁ ୬୦କି.ମି. ସାଇକେଲରେ ଯାତ୍ରା କରି ୨୨ରୁ ଉର୍ଦ୍ଧ୍ୱ ଗ୍ରାମରେ ଖବରକାଗଜ ବିତରଣ କରୁଛନ୍ତି। ତାଙ୍କର ହସ ହସ ଚେହେରା ଓ କଥାରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି।

ପବିତ୍ର ଭୋରରୁ ନିତ୍ୟକର୍ମ ସାରି ଖୋର୍ଦ୍ଧାରୁ ଖବରକାଗଜ ଧରି ବାହାରିପଡ଼ନ୍ତି। ସାଇକେଲରେ ସେ ଅରାଙ୍ଗ, ମଧୁପୁର, ମହୁଲ, ମଙ୍ଗଳପୁର, କରାଡ଼ପଲ୍ଲୀ, ଅଙ୍ଗରାପଡ଼ା, ପଲ୍ଲାସପୁର, ବିନ୍ଧ୍ୟଗିରି, ଛତାବର, ମେଣ୍ଢାଶାଳ, ହରିଡ଼ାପଡ଼ା, କଳାଝରି ଆଦି ୨୨ରୁ ଉର୍ଦ୍ଧ୍ୱ ଗ୍ରାମରେ ବୁଲି ଖବରକାଗଜ ବିତରଣ କରିଥାନ୍ତି। ଅନେକ ଗ୍ରାମବାସୀ ତାଙ୍କ ଆସିବା ବାଟକୁ ଚାହିଁ ରହିଥାନ୍ତି। ଖବରକାଗଜ ବିତରଣ ସହ ଲୋକଙ୍କୁ କରୋନା, ପରିବେଶ ସୁରକ୍ଷା, ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ ସମ୍ବନ୍ଧରେ ସଚେତନ କରୁଛନ୍ତି। ସନ୍ଧ୍ୟାରେ ଖବରକାଗଜ ଟଙ୍କା ସଂଗ୍ରହ କରିଥାନ୍ତି। ସକାଳ ୭ଟାରୁ ତାଙ୍କ କାମ ଆରମ୍ଭ ହୋଇ ରାତି ୭ଟାରେ ଶେଷ ହୋଇଥାଏ। ଦିନସାରା ପରିଶ୍ରମ ସତ୍ତ୍ୱେ ସେ ଥକି ପଡ଼ନ୍ତି ନାହିଁ। ଚା, ପାନ ଦୋକାନରେ ଦେଶବିଦେଶର ବିଭିନ୍ନ ଖବର ସମ୍ପର୍କରେ ଆଲୋଚନା କରିଥାନ୍ତି। ଏଥିସହ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍କୁଲରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟକରନ୍ତି। କରୋନା ମହାମାରୀ ଯୋଗୁ ସ୍କୁଲ ବନ୍ଦ ଥିବାରୁ ସେ ଅଧିକ ସମୟ ଖବରକାଗଜ ବିତରଣ ଉପରେ ଗୁରୁତ୍ୱ ଦେଉଥିବା କହିଛନ୍ତି। ଦୀର୍ଘ ୮ବର୍ଷ ଧରି ସାଇକେଲରେ ଖବରକାଗଜ ବିତରଣ କରୁଥିବା ବେଳେ ଗତ ଚାରିଦିନ ହେବ ବାଇକ୍‌ରେ ବିତରଣ କରୁଛନ୍ତି। ହେଲମେଟ ଏବଂ ମାସ୍କ ପିନ୍ଧିବା ସହ ସାନିଟାଇଜ୍ ଧରି ଖବରକାଗଜ ବିତରଣ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ‘ସେବା ମନୋଭାବ ନେଇ କାମ କର’

**ଖୋର୍ଦ୍ଧା ଅଫିସ,୭।୧୨**

ଖୋର୍ଦ୍ଧା ଜିଲା ପୋଲିସ କାର୍ଯ୍ୟାଳୟରେ ସୋମବାର ଡିଆଇଜି ଆଶିଷ ସିଂ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଛନ୍ତି। ସମସ୍ତ ଥାନା ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ ଏବଂ ନିକଟତର ହେବା ଲାଗି ଉପସ୍ଥିତ ଥାନା ଅଧିକାରୀଙ୍କୁ ଡିଆଇଜି ସିଂ ପରାମର୍ଶ ଦେଇଥିଲେ। ଥାନାକୁ ଆସୁଥିବା ଅଭିଯୋଗକାରୀ ଏବଂ ବିଭିନ୍ନ ସମସ୍ୟା ନେଇ ଆସୁଥିବା ବ୍ୟକ୍ତିଙ୍କ ସହ ଉତ୍ତମ ବ୍ୟବହାର କର। ପୋଲିସ ଏକ ସେବା। ଏହି ମନୋଭାବ ନେଇ କାମ କର। ଏଥିସହ ସମସ୍ତ ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦେଇଥିଲେ। କୌଣସି ଘଟଣାରେ ଅଭିଯୁକ୍ତଙ୍କୁ ଥାନାରେ ପଚରାଉଚୁରା ବେଳେ ସଂଯମ ଆଚରଣ କରନ୍ତୁ। କୌଣସି ବ୍ୟକ୍ତିଙ୍କୁ ଦଣ୍ଡଦେବା ପୋଲିସର କାମ ନୁହେଁ, ସେଥିଲାଗି କୋର୍ଟ ରହିଛି। ଏହି ଅବସରରେ ଏସ୍‌ପି ଅଫିସରେ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ୫ଘଣ୍ଟା ଏହି ସମୀକ୍ଷା ଚାଲିଥିବା ଜଣାପଡ଼ିଛି। ସୂଚନାଥାଉ କି, ନିକଟରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସମସ୍ତ ବିଭାଗୀୟ ମୁଖ୍ୟ ପୋଲିସ ଅଧିକାରୀଙ୍କୁ ନେଇ ପୋଲିସ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା, ଲୋକାଭିମୁଖୀ ହେବା ଲାଗି ପରାମର୍ଶ ଦେଇଥିଲେ। ପୁଣି ଥରେ ଥାନାକୁ ଆସୁଥିବା ଲୋକଙ୍କ ଫିଡ୍‌ବ୍ୟାକ୍ ସିଷ୍ଟମ ଆରମ୍ଭ କରାଯିବ ବୋଲି କହିଥିଲେ।

### ବିଦ୍ୟୁତ୍ ଖୁଣ୍ଟିରେ ଅଟୋ ପିଟିହୋଇ ଜଣେ ମୃତ, ୬ ଆହତ

**ନିରାକାରପୁର,୭।୧୨(ଡି.ଏନ୍.ଏ.)**

ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅଧୀନ ମୁଗୁପଦର ଗ୍ରାମ ନିକଟରେ ସୋମବାର ଏକ ବିଦ୍ୟୁତ୍ ଖୁଣ୍ଟିରେ ଅଟୋ ପିଟିହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୂଷଣ୍ଡପୁର ଉରୁମୁଖୀ ରୋଡ୍‌ସାହିର ସଞ୍ଜୟ ବେହେରା(୩୮)। ଅନ୍ୟ ୬ ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ସକାଳ ୭ଟାରେ ଏକ ଅଟୋ (ଓଆର୍‌୦୨ ବିସି ୯୪୧୩)ରେ ଗ୍ରାମର ସଞ୍ଜୟଙ୍କ ସମେତ ୭ଜଣ ଶ୍ରମିକ କଂକ୍ରିଟ କାମ ପାଇଁ ନିରାକାରପୁର ଅଞ୍ଚଳକୁ ଯାଉଥିଲେ। ମୁଗୁପଦର ନିକଟରେ କୌଣସି କାରଣରୁ ଏକ ବିଦ୍ୟୁତ୍ ଖୁଣ୍ଟିକୁ ଅଟୋ ଧକ୍କାଦେଇଥିଲା। ଫଳରେ ଡାହାଣ ପାର୍ଶ୍ୱକୁ ଅଟୋଟି ଓଲଟି ପଡ଼ିଥିଲା। ଏଥିରେ ସଞ୍ଜୟଙ୍କ ସମେତ ସୁମି ବେହେରା, ବିଜୁଳି ବେହେରା, ଚଞ୍ଚଳା ବେହେରା, ସୁଲୋଚନା ବେହେରା, ସାବିତ୍ରୀ ବେହେରାଙ୍କ ସମେତ ୭ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ଅଟୋ ଚାଳକ ଘଟଣାସ୍ଥଳରେ ଅଟୋ ଛାଡ଼ି ଫେରାର ହୋଇଯାଇଥିଲା। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ବିଇଓଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନା



ଆଲୋଚନା ସଭାରେ ଅଧିକାରୀ ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୭।୧୨**

ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଏବଂ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ସୋମବାର ଏକ ଆଲୋଚନା ସଭା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ, ଗଣଶିକ୍ଷକଙ୍କ ଏକ୍ସ କ୍ୟାଡରମାନଙ୍କ ମାସିକ ଦରମା, ସେବା ପୁସ୍ତକ ଅପ୍‌ଡେଟ୍ ସହ ଡୁପ୍ଲିକେଟ ସର୍ଭିସ ବୁକ ପ୍ରଦାନ, ଏମ୍‌ଏସିପି କାର୍ଯ୍ୟକାରିତା, ଜିଆଇଏସ୍ ପାସ୍‌ବୁକ ଓ ସର୍ଭିସ ବୁକ୍‌ରେ ଏଣ୍ଟ୍ରି, ଠିକ୍ ସମୟରେ ଇନ୍‌କ୍ରିମେଣ୍ଟ, ମାସିକ ବେତନ କପି, ଶିକ୍ଷକଙ୍କ ବିଭିନ୍ନ ଛୁଟି ମଞ୍ଜୁରୀ ସହ ଅଫିସରେ ଦୁଇଟି ବାକ୍ସ (ଅଭିଯୋଗ ଓ ମତାମତ) ରଖିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ବିଇଓ ବୈଦ୍ୟନାଥ ସାହୁ, ସହ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନ, କାର୍ଯ୍ୟାଳୟର ବରିଷ୍ଠ କିରାଣି ହିମାଂଶୁ ଶେଖର ପରିଡ଼ା, ହୃଦାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅମିୟ କୁମାର ପରିଡ଼ା, ସୁକାନ୍ତି ଦେବୀ, ଦିବ୍ୟସିଂହ ସୁବୁଦ୍ଧି, ରବିନାରାୟଣ ପଣ୍ଡା, ସରୋଜିନୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



ତୈଳ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ସୋମବାର ଖୋର୍ଦ୍ଧା ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୭।୧୨**

କରୋନା ମହାମାରୀ ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଖୋର୍ଦ୍ଧା ନଗର କଂଗ୍ରେସ ପକ୍ଷରୁ ଟାଉନ ହଲ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରା ବାହାରି କୋ-ଅପରେଟିଭ ଛକରେ ପହଞ୍ଚି ପ୍ରତିବାଦ କରିଥିଲେ। ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଗୁରୁପ୍ରସାଦ ପଟ୍ଟନାୟକ, ପିସିସି ସଭ୍ୟ ଶିଶିର ପରିଡ଼ା, ପିସିସି ମୁଖପତ୍ର ଅମିତ ମହାନ୍ତି, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ତୈଳ ଦର ନିୟନ୍ତ୍ରଣରେ ସରକାର ବିଫଳ ହୋଇଛନ୍ତି ବୋଲି କହିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

**ଗୋପ,୭।୧୨(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ପାଣିଛତ୍ର ଗ୍ରାମର କାଳିଲତା ବେହେରା (୪୦) ସୋମବାର ଜମିରେ କାମ କରୁଥିବା ବେଳେ ଏକ ସାପ କାମୁଡ଼ା ଦେଇଥିଲା। ପରେ ଗ୍ରାମବାସୀ ଉଦ୍ଧାରକରି ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ ପୁରୀ ସଦର ଡାକ୍ତରଖାନା ପଠାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଝିଅ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଛି। ମହିଳା ଜଣଙ୍କ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

# ଯନ୍ତାରେ ପଡ଼ିଲା ବାର୍‌ହା

**ପୁରୀ ଅଫିସ,୭।୧୨**

ପୁରୀରେ ଆତଙ୍କ ଖେଳାଇଥିବା ବାର୍‌ହା ଶେଷରେ ଧରାପଡ଼ିଛି। ବାର୍‌ହାକୁ ଧରିବା ଲାଗି ବନ ବିଭାଗର ଗୋଟିଏ ଟିମ୍ ରବିବାର ଭୋର୍‌ରୁ ଯନ୍ତା ବସାଇ ଜଗି ବସିଥିଲା। ସୋମବାର ସକାଳେ ବନ ବିଭାଗ ଟିମ୍ ଏହି ବାର୍‌ହାକୁ କାବୁ କରିଛି। ବାର୍‌ହାକୁ ପୁରୀ ରେଞ୍ଜରଙ୍କ ଅଫିସରେ ରଖି ୩ଦିନ ଧରି ଚିକିତ୍ସା କରାଯିବ। ପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଡିଏଫଓ କହିଛନ୍ତି। ସେହିପରି ଫରେଷ୍ଟରଙ୍କ ସୂଚନା ମୁତାବକ, ଦୁଇଟି ଟିମ୍ ଦ୍ୱାରା ୨୪ଘଣ୍ଟାର ଅପରେଶନ ପରେ ବାର୍‌ହା ଧରାପଡ଼ିଛି। ଉକ୍ତ ବାର୍‌ହା ଭୋର୍‌ରୁ ଏକ ଡ୍ରେନ ତଳେ ପଶିଯାଇଥିଲା। ଘଣ୍ଟାଏ କାଳ ପରିଶ୍ରମ କରି ତାକୁ ଉଦ୍ଧାର କରାଯାଇଛି। ଉଦ୍ଧାର ବେଳେ ତା’ର ଗୋଡ଼ ଛିଣ୍ଡିଯିବା ସହ ମୁହଁ ଖଣ୍ଡିଆ ହୋଇଯାଇଥିଲା। ସୂଚନାଯୋଗ୍ୟ, ରବିବାର ଭୋର୍ ସମୟରେ ଦୁଇଜଣ ମହିଳା ସଫେଇ କର୍ମଚାରୀ ସମୁଦ୍ରକୂଳ ଅଞ୍ଚଳରେ ରାସ୍ତା ସଫା କରିବାବେଳେ ହଠାତ୍ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ।

# ପ୍ରଥମାଷ୍ଟମୀ ଲାଗି ମଲ୍‌ରେ ଭିଡ଼

**ଖୋର୍ଦ୍ଧା ଅଫିସ,୭।୧୨**

**ଭୁଲିଗଲେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ**

ମଙ୍ଗଳବାର ପ୍ରଥମାଷ୍ଟମୀ। ଏନେଇ ସୋମବାର ଖୋର୍ଦ୍ଧା ସହରର ବିଭିନ୍ନ ଦୋକାନ ଏବଂ ଶପିଂ ମଲ୍‌ରେ ଭିଡ଼ ଜମିଥିଲା। ଅପରାହ୍ନ ୨ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାରରେ ଭିଡ଼ ରହିଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ, ଚଣ୍ଡିଚୁଆ, ପେଟ୍ରୋଲ ପମ୍ପ ଛକଠାରୁ ମୁକୁନ୍ଦପ୍ରସାଦ ଏବଂ ଟ୍ରାଫିକ ଛକଠାରୁ ଏସ୍‌ବିଆଇ ଛକ ଏବଂ ପୁରୁଣା ମେଡିକାଲ ରୋଡ୍‌ରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଟ୍ରାଫିକ ନିୟନ୍ତ୍ରଣ ଲାଗି ବିଭିନ୍ନ ଛକରେ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟପଟେ କରୋନା ମହାମାରୀ ଲାଗି ମାସ୍କ ଏବଂ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ଦୁଇ ଶପିଂ ମଲ୍ ପରିସରରେ ଅଧିକାଂଶ ଗ୍ରାହକ ମାସ୍କ ପରିଧାନ କରି ନ ଥିବା ବେଳେ ସାମାଜିକ ଦୂରତ୍ୱ ମଧ ନ ଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସାଧାରଣ ଲୋକଙ୍କ ଉପରେ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ, ଦୋକାନ ସିଲ୍ କରାଯାଉଥିବା ବେଳେ ଏହି ଦୁଇ ଶପିଂ ମଲ୍‌ରେ କୌଣସି ପଦକ୍ଷେପ ନ ନିଆଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଏକ ମଲ୍‌ରେ ଲୋକଙ୍କ ଭିଡ଼।

# ସୁଧୁରୁନି ଚଣ୍ଡିଚୁଆ-ମୁକୁନ୍ଦପ୍ରସାଦ ଟ୍ରାଫିକ ସମସ୍ୟା

**ଖୋର୍ଦ୍ଧା ଅଫିସ,୭।୧୨**

**ରାସ୍ତା ସମ୍ପ୍ରସାରଣ ଓ କ୍ୟାବିନମୁକ୍ତ ଲାଗି ଦାବି**



ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦୈନିକ ୧୨ ଘଣ୍ଟା ଟ୍ରାଫିକ ସମସ୍ୟା ରହୁଛି। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହେଉଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ, ଦୋକାନ ବଜାର ଏବଂ କେବିନ ରହି ରାସ୍ତାକୁ ସଙ୍କୁଚିତ କରୁଛି। ଫଳରେ ପର୍ବପର୍ବାଣି ସମୟରେ ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଜାମ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନ ମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇ ରହିଛି।

ଏହି ରାସ୍ତା ଦେଇ ଦୈନିକ ନୟାଗଡ଼ଠାରୁ ଭୁବନେଶ୍ୱରକୁ ଶହ ଶହ ଘରୋଇ ବସ୍ ଯାତାୟାତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡରେ ହଳଦିଆ, ଗଡ଼ମାଣିତ୍ରୀ, ଜଟଣୀ ଆଦି ଅଞ୍ଚଳକୁ ମିନି ବସ୍, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସ୍‌ଗୁଡିକ ମଧ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡ଼ା ଆଦି ଗ୍ରାମକୁ ଯିବା ଲାଗି ଏକ ମାତ୍ର ରାସ୍ତା ରହିଛି। ଫଳରେ ଏହି ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। କୌଣସି ସମୟରେ ଉଭୟ ପଟୁ କାର, ଟ୍ରକ୍ ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗୁରୁଜଙ୍ଗ ପେଟ୍ରୋଲ ପମ୍ପଠାରୁ ସହର ଉଭୟପଟୁ (ମୁକୁନ୍ଦପ୍ରସାଦ ଠାରୁ ଖୋର୍ଦ୍ଧା କ୍ଲବ) ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଫଳରେ ଖୋର୍ଦ୍ଧା ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଶତାଧିକ କ୍ୟାବିନ ଘେରି ରହିଛି। ଏହି ରାସ୍ତାରୁ କ୍ୟାବିନ ମୁକ୍ତ ଏବଂ ସମ୍ପ୍ରସାରଣ ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ରାଜନୈତିକ ହସ୍ତକ୍ଷେପ ଏଥିରେ ବାଧା ସୃଷ୍ଟି କରୁଛି ବୋଲି ଜଣେ ଜିଲାସ୍ତରୀୟ ଅଧିକାରୀ କହିଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ଗୋପ,(ଡି.ଏନ୍.ଏ.): ଗୋପ ଥାନା ଅଧୀନ ପାଣିଛତ୍ର ଗ୍ରାମର କାଳିଲତା ବେହେରା ସୋମବାର ଜମିରେ କାମ କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ସଦର ଡାକ୍ତରଖାନା ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଝିଅ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ନୀରୋଗ ରହିବା ପାଇଁ ଯୋଗ ଜରୁରୀ

**ଡେଲାଙ୍ଗ,୭।୧୨(ଡି.ଏନ୍.ଏ.):** ଡେଲାଙ୍ଗ ହିରୋ ମୋଟର୍ସ ପରିସରରେ ଯୋଗ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହିରୋ ମୋଟର୍ସର ମୁଖ୍ୟ ପରିଚାଳକ ବିପ୍ଳବ ନରେନ୍ଦ୍ର, କ୍ରୀଡ଼ା ଶିକ୍ଷକ ନଟବର ସେଠୀ, ସନ୍ତୋଷ ପଟ୍ଟନାୟକ, ଦିଲୀପ ଧାଉଡ଼ିଆ, ଦୀପକ ମିଶ୍ର, ରଶ୍ମିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କରୋନାରୁ ରକ୍ଷା ପାଇବା ପାଇଁ ଯୋଗର ନିହାତି ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଆସନ୍ତା ୧୨ ଓ ୧୩ ତାରିଖରେ ମହତାବ ବିଦ୍ୟାଳୟ ପରିସରରେ ସକାଳ ୬ଟାରୁ ଯୋଗ ଶିକ୍ଷା ଶିବିର ହେବ। ଶିବିରାର୍ଥୀଙ୍କୁ ଟି ସାର୍ଟ,କାଡା,ମାସ୍କ ଓ ସାନିଟାଇଜର ବଣ୍ଟନ ବ୍ୟବସ୍ଥା କରାଯାଇଥିବା ନରେନ୍ଦ୍ର କହିଥିଲେ। ଦିବ୍ୟରଞ୍ଜନ ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ। ହିରୋ ମୋଟର୍ସ ପରିଚାଳକ ଶୁଭ୍ରାଂଶୁ ମହାନ୍ତି, କାଦମ୍ବିନି ସ୍ୱାଇଁ ଓ ପୂର୍ଣ୍ଣିମା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସତ୍ୟବାଦୀ ପାଲାଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ

**ପିପିଲି,୭।୧୨(ସ୍ୱ.ପ୍ର.):** ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସତ୍ୟବାଦୀ ପାଲା ଗାୟକ ମଣ୍ଡଳୀ ଶାଖା ପକ୍ଷରୁ ତୃତୀୟ ବାର୍ଷିକ ସମ୍ମିଳନୀ ପିପିଲି ବ୍ଲକ ଛଣଘର ଗାଁର ଶ୍ରୀ ଛଣେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗାୟକ ଗୁରୁ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଗୁରୁପୂଜା କରାଯାଇ ବୈଠକ ଅନୁଷ୍ଠିତ ହୋଇଥିଲା। ଗାୟକ ପ୍ରଭାକର ମହାରଣା, ବନମାଳୀ ମିଶ୍ର, ପ୍ରତାପ ପ୍ରଧାନ ଓ ଗାୟିକା କୁମୁଦିନୀ ନାୟକ ପ୍ରମୁଖ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବିଭକ୍ତ ପୁରୀ ଜିଲା ପାଲା ଗାୟକ ପରିଷଦର ସଭାପତି ଲକ୍ଷ୍ମୀଧର ଦାଶ, ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ଉପଦେଷ୍ଟା ଗାୟକ ସଚ୍ଚିଦାନନ୍ଦ ମହାପାତ୍ର, ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ପ୍ରତିଷ୍ଠାତା ନିରଞ୍ଜନ ବାହିନୀପତି, ଗାୟକ ପ୍ରମୋଦ ସାହୁ, ଲମ୍ବୋଦର ବେହେରା, ବସନ୍ତ ରାଉତ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କବି ମାନସ ରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ଧିରେନ୍ଦ୍ର ଜେନା, ପିପିଲି ସାମ୍ବାଦିକ ସଂଘ ସମ୍ପାଦକ ଖବରଦାତା ରାଜକିଶୋର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଗାୟକ ମହେନ୍ଦ୍ର ପାଣି, ବଳରାମ ଦାଶ, ବରିଷ୍ଠ ପାଳିଆ ଜଟାଧାରୀ ପ୍ରଧାନ, ଖବରଦାତା ଦିବାକର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ସମ୍ପାଦକ ରମେଶ ଚନ୍ଦ୍ର ପଲାଇ ବାର୍ଷିକ ବିବରଣୀ ଦେଇଥିବାବେଳେ ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପ୍ରଶିକ୍ଷଣ ଶିବିର

**ବଳଙ୍ଗା,୭।୧୨(ଡି.ଏନ.ଏ.):** ନିମାପଡ଼ା ନିର୍ବାଚନମଣ୍ଡଳୀର ବଳଙ୍ଗାରେ ଏକ ପ୍ରଶିକ୍ଷଣ ଶିବିର ତରୋଇ ଶାସନ ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ଜନସାଧାରଣଙ୍କ ନିକଟତର ହୋଇ ଜନକଲ୍ୟାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୃତି ପଟ୍ଟନାୟକ, ପ୍ରସନ୍ନ କୁମାର ଦାଶ, ସରୋଜ କୁମାର ସାହୁ, ରଞ୍ଜନ କୁମାର ପ୍ରଧାନ, ପ୍ରଭାକର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର, ଇନ୍ଦ୍ରମଣି ସାହୁଙ୍କ ସମେତ ପ୍ରାୟ ଶତାଧିକ କର୍ମକର୍ତ୍ତା ତଥା କର୍ମୀ ଉପସ୍ଥିତ ଥିଲେ।

# ପୁରୀ ମୁଖ୍ୟ ଚିକିତ୍ସାଳୟରେ ଲାଞ୍ଚ କାରବାର

**ଭିଡିଓ ଭାଇରାଲ**
- ଅଭିଯୋଗ ଆଣିଲେ ରୋଗୀଙ୍କ ସମ୍ପର୍କୀୟ
- କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା ଯୁବ ମୋର୍ଚ୍ଚା

**ପୁରୀ ଅଫିସ, ୭।୧୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ପାଇଁ ଲାଞ୍ଚ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଜଣେ ରୋଗୀଙ୍କ ସମ୍ପର୍କୀୟ ଚିକିତ୍ସା ବାବଦକୁ ଟଙ୍କା ଦେଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାର ତଦନ୍ତ ଦାବି କରି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଗୋପ ଅଞ୍ଚଳର ସଂଗ୍ରାମ ପରିଡ଼ା ନାମକ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ପ୍ରସବ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ଅଧିକାରୀମାନେ ତାଙ୍କୁ ଲାଞ୍ଚ ମାଗିଥିଲେ। ଓଟି ଚାର୍ଜ, ଷ୍ଟ୍ରେଚର ଚାର୍ଜ ବାହାନାରେ ଏହି ଟଙ୍କା ମେଡିକାଲ କର୍ମଚାରୀ ନେଇଛନ୍ତି। ପ୍ରଥମେ ପ୍ରସୂତିଙ୍କ ପରିବାରକୁ ଓଟି ଚାର୍ଜ, ଷ୍ଟ୍ରେଚର ଚାର୍ଜ ବାବଦକୁ ୨୨ଶହ ଟଙ୍କା ଏବଂ ପରେ ପୁଣି ୯ଶହ ଟଙ୍କା ମଗାଯାଇଥିଲା। ଟଙ୍କା ନ ଦେଲେ ସେମାନେ ନବଜାତ ଶିଶୁକୁ ଡିସଚାର୍ଜ କରିବେ ନାହିଁ ବୋଲି କହିଥିବା ସଂଗ୍ରାମ ଅଭିଯୋଗ କରିଛନ୍ତି। ଲାଞ୍ଚ କାରବାରର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କେହି



ଗଣମାଧ୍ୟମ ଆଗରେ ମୁହଁ ଖୋଲି ନାହାନ୍ତି। ପୁରୀ ସିଡିଏମ୍‌ଓଙ୍କୁ ପଚାରିବାରେ ସେ କୌଣସି ମାମଲା ନେଇ କୋର୍ଟରେ ଥିବା କହି ଫୋନ କାଟିଦେଇଥିଲେ। ସେହିପରି ଜଣେ ଏଡିଏମ୍‌ଓ ନିଜ ସମ୍ପର୍କୀୟଙ୍କ କୌଣସି ଏକ ଉତ୍ସବରେ ସାମିଲ ଥିବା କହି ଫୋନ୍ କାଟିଦେଇଥିଲେ। ତେବେ ଅନ୍ୟଜଣେ ଏଡିଏମ୍‌ଓ ଏ ନେଇ କିଛି ଖବର ପାଇ ନ ଥିବା କହିବା ସହ ବୁଝିବା ପରେ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

# ଯନ୍ତାରେ ପଡ଼ିଲା ବାର୍‌ହା



**ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯିବ**

**ପୁରୀ ଅଫିସ,୭।୧୨**

ପୁରୀରେ ଆତଙ୍କ ଖେଳାଇଥିବା ବାର୍‌ହା ଶେଷରେ ଧରାପଡ଼ିଛି। ବାର୍‌ହାକୁ ଧରିବା ଲାଗି ବନ ବିଭାଗର ଗୋଟିଏ ଟିମ୍ ରବିବାର ଭୋର୍‌ରୁ ଯନ୍ତା ବସାଇ ଜଗି ବସିଥିଲା। ସୋମବାର ସକାଳେ ବନ ବିଭାଗ ଟିମ୍ ଏହି ବାର୍‌ହାକୁ କାବୁ କରିଛି। ବର୍ତ୍ତମାନ ବାର୍‌ହାକୁ ପୁରୀ ରେଞ୍ଜରଙ୍କ ଅଫିସରେ ରଖି ୩ଦିନ ଧରି ଚିକିତ୍ସା କରାଯିବ। ଏହାପରେ ତାକୁ ନିଆଯାଇ ଦୂର ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ପୁରୀ ଡିଏଫଓ କହିଛନ୍ତି। ସେହିପରି ଫରେଷ୍ଟରଙ୍କ ସୂଚନା ମୁତାବକ, ଦୁଇଟି ଟିମ୍ ଦ୍ୱାରା ୨୪ଘଣ୍ଟାର ଅପରେଶନ ପରେ ବାର୍‌ହା ଧରାପଡ଼ିଛି। ଉକ୍ତ ବାର୍‌ହା ଭୋର୍‌ରୁ ଏକ ଡ୍ରେନ ତଳେ ପଶିଯାଇଥିଲା। ଘଣ୍ଟାଏ କାଳ ପରିଶ୍ରମ କରି ତାକୁ ଉଦ୍ଧାର କରାଯାଇଛି। ଉଦ୍ଧାର ବେଳକୁ ତା'ର ଗୋଡ଼ ଛିଣ୍ଡିଯିବା ସହ ମୁହଁ ଖଣ୍ଡିଆ ହୋଇଯାଇଥିଲା। ସୂଚନାଯୋଗ୍ୟ, ରବିବାର ଭୋର୍ ସମୟରେ ଦୁଇଜଣ ମହିଳା ସଫେଇ କର୍ମଚାରୀ ସମୁଦ୍ରକୂଳ ଅଞ୍ଚଳରେ ରାସ୍ତା ସଫା କରିବାବେଳେ ହଠାତ୍ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ଦୁହେଁ ଗୁରୁତର ଆହତ ହୋଇଥିବା ବେଳେ ଆଉ ୪ଜଣ ସାମାନ୍ୟ ଆହତ ହୋଇଥିଲେ। ଏଥିଯୋଗୁ ସଫେଇ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

# ମାମୁଘରୁ ଆସିଲା ମହାପ୍ରଭୁଙ୍କ ପୋଢୁଆଁ ଭାର



ନିଆଳିସ୍ଥିତ ଶ୍ରୀମାଧବାନନ୍ଦ ଜୀଉଙ୍କ ପୀଠରୁ ଆସିଥିବା ପୋଢୁଆଁ ଭାର।

**ପୁରୀ ଅଫିସ, ୭।୧୨**

ମହାପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳବାର ପ୍ରଥମାଷ୍ଟମୀରେ ପୋଢୁଆଁ ହେବେ। ଏଥିପାଇଁ ସୋମବାର ତାଙ୍କ ମାମୁଘର ନିଆଳିସ୍ଥିତ ଶ୍ରୀ ମାଧବାନନ୍ଦ ଜୀଉଙ୍କ ପୀଠରୁ ଶ୍ରୀମନ୍ଦିରକୁ ଅଷ୍ଟମୀ ଭାର ଆସିଛି। ଭାରରେ ପାଟବସ୍ତ୍ର, ନଡ଼ିଆ, ବିରି, ଅରୁଆ ଚାଉଳ ନେଇ ସଂକୀର୍ତ୍ତନ ମଣ୍ଡଳୀ ଶ୍ରୀକ୍ଷେତ୍ରରେ ପହଞ୍ଚିଛନ୍ତି। ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜ୍ୟେଷ୍ଠ ସନ୍ତାନମାନେ ମାମୁଘରୁ ଆସିଥିବା ନୂତନ ବସ୍ତ୍ର ପିନ୍ଧିବାର ପରମ୍ପରା ରହିଛି। ଶ୍ରୀଜଗନ୍ନାଥଙ୍କ ମାମୁଘର ନିଆଳି ମାଧବ ପୀଠ ବୋଲି କୁହାଯାଏ। ଭାର ଧରି ପୁରୀ ଆସିଥିବା କେତେଜଣ ଶ୍ରଦ୍ଧାଳୁ କହିଛନ୍ତି, ଦୀର୍ଘବର୍ଷ ଧରି ଏହି ପରମ୍ପରା ରହିଆସିଛି। ଶ୍ରୀମନ୍ଦିରକୁ ଭାର ଆଣିବାରେ ବହୁତ ଖୁସି ରହିଛି। ଆମେ ଏବେ ନିଜକୁ ମାମୁ ବୋଲି ଅନୁଭବ କରୁଛୁ। ଏହି ଭାରକୁ ଆମେ ଶ୍ରୀମନ୍ଦିର ପ୍ରଶାସନକୁ ଦେବୁ। ଗତଥର ବହୁ ଲୋକ ଆସିଥିଲେ, ମାତ୍ର ଏଥର କରୋନା କଟକଣା ପାଇଁ ଲୋକଙ୍କ ସଂଖ୍ୟା କମିଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ, ୭।୧୨**

ମାର୍ଗଶୀର କୃଷ୍ଣ ସପ୍ତମୀ ତିଥିରେ ସୋମବାର ଶ୍ରୀଜିଉମାନଙ୍କ ପଇତା ଲାଗି ନୀତି ଦ୍ୱିତୀୟ ଭୋଗମଣ୍ଡପ ପରେ ସମ୍ପନ୍ନ ହୋଇଛି। ଦ୍ୱାର ପୂଜା ନୀତି ପ୍ରାତଃ ୬ଟା ୫ମିନିଟରେ ସମ୍ପନ୍ନ ପରେ ଭିତର ଶୋଧ ୬ଟା ୪୦ରେ ହୋଇ ମହାପ୍ରଭୁଙ୍କ ମଙ୍ଗଳ ଆରତି ୬ଟା ୫୦ ମିନିଟ୍‌ରେ ହୋଇଥିଲା। ମଇଲମ ୬ଟା ୫୫ରେ ବଢି ତଡ଼ପ ଲାଗି ସକାଳ ୭ଟା ୧୫ରେ ହେବା ପରେ ମହାପ୍ରଭୁଙ୍କ ପୂଜା ୭ଟା ୪୫ରୁ ୮ଟାରେ ସମ୍ପୂର୍ଣ୍ଣ ହୋଇଥିଲା। ପଇତା ଲାଗି ନୀତି ସେବା ଦଇତାପତି ସେବକମାନଙ୍କ ଗୋଷ୍ଠୀଗତ ସେବା। ଶ୍ରୀମନ୍ଦିର ପ୍ରଶାସନ ପାଟରା ସେବକଙ୍କୁ ପଇତା ବୋଳିବା ପାଇଁ ତିନିରଙ୍ଗର ବାସୁଙ୍ଗା ପାଟ ଯୋଗାଇଥାଏ। ପାଟରା ସେବକ ଏହାକୁ ନେଇ ଶ୍ରୀଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ପଇତା ବୋଳିଥାଆନ୍ତି। ପଇତା ବୋଳି ସାରି ପାଟରା ସେବକ ଉକ୍ତ ଦିନ ଦେଉଳ କରଣଙ୍କୁ ଯୋଗାଇ ଥାଆନ୍ତି।

# ଭାଜପା ପକ୍ଷରୁ ବିଡିଓଙ୍କ କୁଶପୁତ୍ତଳିକା ଦାହ

**ଗୋପ,୭।୧୨(ଡି.ଏନ୍.ଏ.)**

ଗୋପ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟରେ ଟଙ୍କା ହଡ଼ପ ଓ ଅନିୟମିତତା ଅଭିଯୋଗରେ ସୋମବାର ଗୋପ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିଡିଓଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୂଚନାଥାଉ କି, ୨୦୧୮-୧୯ ଆର୍ଥିକ ବର୍ଷରେ ନିମାପଡ଼ା ଆକ୍ସିସ୍ ବ୍ୟାଙ୍କରେ ଗୋପ ବ୍ଲକର ରହିଥିବା ଦେଢ଼ କୋଟି ଟଙ୍କାକୁ ଠିକ୍‌ଭାବେ କାଗଜପତ୍ର ଯାଞ୍ଚ କରିବା ଲାଗି ହୋଇଥିବା ଅଡିଟ୍ ରିପୋର୍ଟରେ ନିର୍ଦ୍ଦେଶ ରହିଥିଲା। ପରେ ବ୍ଲକ ପକ୍ଷରୁ ଏହାକୁ ଯାଞ୍ଚ କରାଯାଇଥିଲା। ହେଲେ ଏଥିରେ ବିଡିଓ ଟଙ୍କା ହେରଫେର କରିଥିବା ଅଭିଯୋଗ ପରେ ଭାଜପା ପକ୍ଷରୁ ଗତ ୨ତାରିଖରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ନାମରେ ଗୋପ ଥାନାରେ ଏକ ଏତଲା ଦିଆଯାଇଥିଲା। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି, କୌଣସି ଦୁର୍ନୀତି ହୋଇ ନାହିଁ। ଏହା ଏକ ମିଥ୍ୟା ଘଟଣା। ପୋଲିସ ମଧ୍ୟ ଏ ନେଇ କୌଣସି ମାମଲା ରୁଜୁ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା।

# ୨ ବାତ୍ୟା ଆଶ୍ରୟସ୍ଥଳୀରେ ଝୁଲୁଛି ତାଲା

**ଗୋପ,୭।୧୨(ଡି.ଏନ୍.ଏ.)**

ଫନୀ ବାତ୍ୟାରେ ଗୋପ ବ୍ଲକରେ ଥିବା ୨୧ଟି ବାତ୍ୟା ଆଶ୍ରୟସ୍ଥଳୀ ଭାଙ୍ଗିରୁଜି ଯାଇଥିଲା। ଇତି ମଧ୍ୟରେ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ ମରାମତି ହୋଇଯାଇଥିବାବେଳେ ବନ୍ତଳିଗ୍ରାମ ଓ ତରଣାଠାରେ ବାକି ଥିବା ୨ଟି ଆଶ୍ରୟସ୍ଥଳୀ ଏପର୍ଯ୍ୟନ୍ତ ମରାମତି ନ ହୋଇ ତାଲା ଝୁଲୁଛି। ଫଳରେ ଏହି ୨ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ଆସିଥିବା ଟଙ୍କା ଫେରିଯିବାର ଆଶଙ୍କା ସୃଷ୍ଟି କରୁଛି। ହେଲେ ଏପରି ଅବସ୍ଥା ପାଇଁ ଲୋକ ପ୍ରତିନିଧି ଦାୟୀ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ୨୦୧୯ ମେ ୩ରେ ହୋଇଥିବା ଫନୀ ଗୋପ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ୨୧ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ କ୍ଷୟଗ୍ରସ୍ତ ହୋଇଥିଲା। ଆଶ୍ରୟସ୍ଥଳୀ ମରାମତି ଲାଗି ସରକାର ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ଲାଗି ସାଢ଼େ ୫ଲକ୍ଷ ଟଙ୍କା ଆସିଥିଲା । ମାତ୍ର ବ୍ଲକ ଅଞ୍ଚଳର ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ ମରାମତି ସରିଥିବା ବେଳେ ବନ୍ତଳିଗ୍ରାମ, ତରଣାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସରପଞ୍ଚ ଓ ଲୋକ ପ୍ରତିନିଧିଙ୍କ ଅବହେଳା ଯୋଗୁ ଏପରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଦୀର୍ଘଦିନ ହେବ ଏହି ବାତ୍ୟା ଆଶ୍ରୟସ୍ଥଳ ମରାମତି ପାଇଁ ଆସିଥିବା ଟଙ୍କା ସେଭଳି ପଡ଼ିରହିଥିବାରୁ କାର୍ଯ୍ୟ ନ ହେବାରୁ ଫେରିଯିବାର ଆଶଙ୍କା ରହୁଛି। ତେବେ ଓଡ଼ିଶାରେ ଅଧିକାଂଶ ବନ୍ୟା, ବାତ୍ୟା ହେଉଥିବାରୁ ଏହି ୨ ବାତ୍ୟା ଆଶ୍ରୟସ୍ଥଳୀରେ ଭଗ୍ନାବସ୍ଥାରେ ଥିବାରୁ ବିପନ୍ନମାନେ କିଭଳି ସୁରକ୍ଷିତ ରହିବେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଅବସ୍ଥାକୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଏଥିପ୍ରତି ଜିଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଡିଓ ଦାସଙ୍କୁ ପଚାରିବାରେ ଅବହେଳା କରିଥିବା ଲୋକ ପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

# କରୋନା, କୃଷି ସଚେତନତା ଶିବିର

**ଡେଲାଙ୍ଗ,୭।୧୨(ଡି.ଏନ୍.ଏ)**

ଡେଲାଙ୍ଗ ଅଭୟମୁଖୀ ପଞ୍ଚାୟତର ଇନ୍ଦିପୁର ମେଲଣ ପଡିଆରେ କରୋନା ଓ କୃଷି ସମସ୍ୟା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ବିଜୟୀ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଅଧ୍ୟାପକ ଶଶାଙ୍କ ଶେଖର ଚୁଡାମଣି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇଥିଲେ। ଅଧିକାଂଶ ପଞ୍ଚାୟତରେ କଲଭର୍ଟ ନ ଥିବାରୁ ଦଳଭର୍ତ୍ତି ହେଇ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି ବୋଲି ଚାଷୀ ଅଭିଯୋଗ କରିଥିଲେ। ସ୍ଥାୟୀ ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ଅଧ୍ୟକ୍ଷା ପ୍ରଧାନ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି, ଫକୀରଚରଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀଜଗନ୍ନାଥ ପରିମଳ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ପୁରୀ ପୌରପରିଷଦ କାର୍ଯ୍ୟାଳୟ ଆଗରେ ଧାରଣା।

# ଭଲ କାମ କଲେ ପିସିଆର୍ କର୍ମଚାରୀଙ୍କୁ ପୁରସ୍କାର

**ପୁରୀ ଅଫିସ,୭।୧୨**

ପ୍ରତ୍ୟେକ ମାସରେ ଭଲ କାମ କରୁଥିବା ପୋଲିସ କଣ୍ଟ୍ରୋଲ ରୁମ୍ (ପିସିଆର୍) କର୍ମଚାରୀଙ୍କୁ ଏଥର ଏସ୍‌ପି ପୁରସ୍କୃତ କରିବେ। ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ମାସକୁ ଗୋଟିଏ ଦିନ ଛୁଟି ମିଳିବା ସହିତ ୨୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥର କୌଣସି ସ୍ଥାନରୁ ଅଭିଯୋଗ ଆସିଲେ ସେଠାରେ ପିସିଆର୍ ଭ୍ୟାନ ତୁରନ୍ତ ଯାଇ ପହଞ୍ଚିବ। ପୂର୍ବରୁ ଘଟଣାସ୍ଥଳରେ ଭ୍ୟାନ ପହଞ୍ଚିବାକୁ ଯେତିକି ସମୟ ନେଉଥିଲା ଆଗକୁ ସେହି ସମୟ ବ୍ୟବଧାନ କମିବା ଆବଶ୍ୟକ। ଆବଶ୍ୟକୀୟ ଉପକରଣ ମାଧ୍ୟମରେ ପିସିଆର ଭ୍ୟାନ ରୂପରେଖରେ ପରିବର୍ତ୍ତନ କରାଯିବ। ପ୍ରତିଦିନ ପିସିଆର୍ କର୍ମଚାରୀ କେତେ ଅଭିଯୋଗ ଗ୍ରହଣ କଲେ ଓ ତାହାର ସମୟ ସମ୍ପର୍କରେ ଡିସିପି ଏବଂ ଆଇଆଇସି ଟ୍ରାଫିକ ତଦାରଖ କରିବେ। ପୋଲିସ କର୍ମଚାରୀ ତଥା ପିସିଆର୍ କର୍ମଚାରୀ ସାଧାରଣ ଜନତାଙ୍କ ସହ ଉତ୍ତମ ବ୍ୟବହାର ମାଧ୍ୟମରେ ସମସ୍ତ ଅଭିଯୋଗ ଗ୍ରହଣ କରି ସୁଚାରୁ ରୂପେ ଦାୟିତ୍ୱ ତୁଲାଇବେ। ସିଟି ଡିଏସ୍‌ପି କେ.ଆର୍. ନାୟକଙ୍କୁ ଡିଏସ୍‌ପି ଟ୍ରାଫିକ ଇନଚାର୍ଜ ଦାୟିତ୍ୱ ମିଳିଛି।

# ରାସ୍ତାକୁ ଓହ୍ଲାଇଲେ ଆନ୍ଦୋଳନକାରୀ

**ବ୍ରହ୍ମଗିରି,୭।୧୨(ଡି.ଏନ୍.ଏ.)**

ଫନୀ ଓ ଫାଇଲିନ ସହାୟତା ନ ପାଇ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ପରେ ସୋମବାର ରାଜରାସ୍ତାକୁ ଓହ୍ଲାଇଛନ୍ତି ଆନ୍ଦୋଳନକାରୀ। ଫନୀ କ୍ଷତିଗ୍ରସ୍ତଙ୍କୁ ଗୃହନିର୍ମାଣ ସହାୟତା ଯୋଗାଇଦେବା ସହ ତଦନ୍ତରେ ଅନିୟମିତତା କରିଥିବା ନେଇ ସରକାରୀ କର୍ମଚାରୀଙ୍କ ବିରୋଧରେ ୭ଦଫା ଦାବି ନେଇ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ଗତ ୨ ତାରିଖରୁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେଇଆସୁଛି। ଏହି ଧାରଣାକାରୀଙ୍କୁ ଉଠାଇବା ପାଇଁ ରବିବାର ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ ପହଞ୍ଚି ପ୍ରଶାସନ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସୋମବାର ପୁଣି ଆଲୋଚନା ପାଇଁ ଶତାଧିକ କ୍ଷତିଗ୍ରସ୍ତ ମହିଳା ପୁରୁଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା ପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ନ ମିଳିବାରୁ ଉତ୍ତ୍ୟକ୍ତ ହୋଇ ବ୍ଲକ ସମ୍ମୁଖ ପୁରୀ-ସାତପଡ଼ା ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋର୍‌ଦାର କରାଯିବା ସହ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ସୁରେନ୍ଦ୍ର ନାଥ ଜେନା, ଭୀମସେନ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ, ଯୁଧିଷ୍ଠିର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବ୍ଲକ ସମ୍ମୁଖ ପୁରୀ-ସାତପଡ଼ା ମୁଖ୍ୟ ରାସ୍ତାରେ ଧାରଣାରତ ଆନ୍ଦୋଳନକାରୀ।

# ଫନୀ ସହାୟତାରୁ ବଞ୍ଚିତ ହିତାଧିକାରୀଙ୍କ ଧାରଣା

**କଣାସ,୭।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

କଣାସ ବ୍ଲକର ଫନୀ ସହାୟତାରୁ ବଞ୍ଚିତ ହିତାଧିକାରୀଙ୍କ ଘରଭଙ୍ଗା କ୍ଷୟକ୍ଷତି ପାଇବା ଦାବିରେ ସୋମବାର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ୨ଘଣ୍ଟା ବସିବା ପରେ ତହସିଲଦାର ଲକ୍ଷ୍ମୀଧର ମହାରଣା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ମାସକ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାରୁ ହଟିଥିଲେ। ସୂଚନା ଅନୁଯାୟୀ, ଫନୀ ଯିବାର ୧୮ମାସ ବିତିଯାଇଥିଲେ ମଧ୍ୟ କେତେଜଣ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ସହାୟତା ନ ମିଳିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନର, ଜିଲାପାଳ, ତହସିଲଦାରଙ୍କୁ ଅବଗତ କରାଇଥିଲେ। ୭ ଦିନ ମଧ୍ୟରେ



ସହାୟତା ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀମାନେ ଧାରଣା ଦେଇଛନ୍ତି।

ସହାୟତା ନ ମିଳିଲେ ଧାରଣା ଦେବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ସମୟ ପୂରିଯାଇଥିଲେ ମଧ୍ୟ ସହାୟତା ପାଇ ନ ଥିବାରୁ ସେମାନେ ଏହି ଧାରଣା ଦେଇଥିଲେ। ଅନଶନରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଓ ବାସଗୃହ ବିପନ୍ନ ସାମିଲ ହେଇଥିଲେ। ଗୁଣନିଧି ବଳିୟାରସିଂହଙ୍କ ନେତୃତ୍ୱରେ ତ୍ରିଲୋଚନପୁରର ତ୍ରିନାଥ ବେହେରା, କାଳୁ ବେହେରା, ଚାନ୍ଦପଡ଼ାର ପ୍ରେମାନନ୍ଦ ଜେନା, ହଳଦୀପଦରର କାର୍ତ୍ତିକ ବେହେରା, ଗୋଲରାର କୁମାର ହରିଚନ୍ଦନ, କୈଳାସ ମାର୍ଥା, ଭାଟପଡାର ପ୍ରମୋଦ ମାଣ୍ଟୁ ପ୍ରମୁଖ ବିପନ୍ନ ଧାରଣାରେ ସାମିଲ ଥିଲେ। କମ୍ୟୁନିଷ୍ଟ ନେତା ଧନେଶ୍ୱର ସ୍ୱାଇଁ, ଗଣେଶ ଜେନା, ସନ୍ତୋଷ ବଳିୟାରସିଂହ ପ୍ରମୁଖ ଧାରଣାକାରୀଙ୍କୁ ସହଯୋଗ କରିବା ସହ ତୁରନ୍ତ ସହାୟତା ଯୋଗାଇବାକୁ ଦାବି କରିଥିଲେ।

